To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ


ମଞ୍ଚ ଉପରେ ନୀତିଶ୍‌ଙ୍କୁ ଉପରକୁ ଚପଲ ଫିଙ୍ଗିଲେ ଯୁବକ




R.N.I. No.-42041/83 Vol-16, Issue No.107, ଭଦ୍ରକ, ଶୁକ୍ରବାର, ୧୨, ଅକ୍ଟୋବର ୨୦୧୮ ■ Bhadrak, Friday, 12 October 2018 Rs. 2.00 Pages-8


# ଓଡ଼ିଶାରେ କମ୍, ଆନ୍ଧ୍ରରେ ଅଧିକ



- ତିତ୍‌ଲି ପ୍ରଭାବରେ ଆନ୍ଧ୍ରରେ ୮ ମୃତ
- ଗଜପତି ବେଶୀ କ୍ଷତିଗ୍ରସ୍ତ
- ଯୁଦ୍ଧକାଳୀନ ଭିତିରେ ମରାମତି ସାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ସ୍ଥାନାନ୍ତରିତ ହୋଇଛନ୍ତି ୩ ଲକ୍ଷ
- ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ

ଭୁବନେଶ୍ୱର,୧୧।୧୦ (ସକାଳ ଖବର): ସାମୁଦ୍ରିକ ଘୂର୍ଣ୍ଣିଝଡ଼ ତିତଲି ଦ୍ୱାରା ଓଡିଶାରେ ଦକ୍ଷିଣରେ ତାଣ୍ଡବ ରଚିଥିବା ବେଳେ ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଛାରଖାର କରିଛି । ଏହାର ପ୍ରଭାବରେ ଆନ୍ଧ୍ରର ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତକମାନେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଓ ବିଜୟନଗରମ୍ ଜିଲ୍ଲାର। ଏମାନଙ୍କ ମଧ୍ୟରୁ ଶ୍ରୀକାକୁଲମ୍ ଜିଲ୍ଲାରେ ୨ ଜଣ ପ୍ରାଣ ହରାଇଥିବା ବେଳେ ବିଜୟନଗରମ୍ ଜିଲ୍ଲାରେ ୬ ଜଣ ପ୍ରାଣ ହରାଇଛନ୍ତି ବୋଲି ଆନ୍ଧ୍ରପ୍ରଦେଶ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ଆନ୍ଧ୍ରର କେତେକ ସ୍ଥାନରେ ରାସ୍ତା କଡରେ ଥିବାବଡ ବଡ ଟ୍ରକ୍ ଗୁଡିକ ଓଲଟି ପଡିଥିବା ବେଳେ ରାଜ୍ୟର ସମସ୍ତ ତଳିଆ ଅଂଚଳ ଜଳମଗ୍ନ ହୋଇପଡ଼ିଛି। ଏହା ବ୍ୟତୀତ ପ୍ରବଳ ଝଡ଼ ପବନ ଫଳରେ ଶହ ଶହ ଗଛ, ବିଦ୍ୟୁତ ଓ ଟେଲିଫୋନ୍ ଖୁଂଟି ଉପୁଡ଼ି ରାସ୍ତା ଉପରେ ପଡ଼ି ରହିଥିବାରୁ ସଡ଼କରେ ଯାନବାହନ ଚଳାଚଳ ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ବେଳେ ଟ୍ରେନ୍ ଓ ବିମାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି । ତେବେ ବାତ୍ୟା ପଶ୍ଚିମବଙ୍ଗ ମୁହାଁ ହୋଇଥିବାରୁ ଗୁରୁବାର ଅପରାହ୍ନରୁ ଓଡିଶା ଏବଂ ଆନ୍ଧ୍ରରେ ଏହାର ପ୍ରଭାବ ଦୁର୍ବଳ ହେବାରେ ଲାଗିଛି ।

ସାମୁଦ୍ରିକ ଝଡ ତିତଲି ଗୁରୁବାର ପ୍ରାତଃ ସାଢେ ୪ରୁ ସାଢେ ୫ ଟା ମଧ୍ୟରେ ଆନ୍ଧ୍ରପ୍ରଦେଶର ପଲାସା ଓ ଶ୍ରୀକାକୁଲମର ମଧ୍ୟସ୍ଥଳରେ ସ୍ଥଳଭାଗ ଅତିକ୍ରମ କରିଛି। ଏହାର ପ୍ରଭାବରେ ସେ ସମୟରେ ପବନର ବେଗ ଘଂଟା ପ୍ରତି ୧୫୦ କିମି ରହିଥିବା ବେଳେ ଗୋପାଳପୁର ଠାରେ ୧୨୬ କିମି ରହିଥିଲା। ତିତଲି ଯୋଗୁଁ ଗଜପତି ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଗଂଜାମ ଜିଲ୍ଲାରେ ଆଶା ଠାରୁ କମ୍ କ୍ଷତିଗ୍ରସ୍ତ ହୋଇଛି। ଉଭୟ ଜିଲ୍ଲାରେ କ୍ଷୟକ୍ଷତି ଆକଳନ କରି ପ୍ରାଥମିକ ରିପୋର୍ଟ ଦେବା , ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ କରିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉଭୟ ରାଜ୍ୟ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘୂର୍ଣ୍ଣିଝଡ ଓଡିଶା ମଧ୍ୟଦେଇ ପଶ୍ଚିମ ଓଡିଶା ଯିବାର ଯଥେଷ୍ଟ ସମ୍ଭାବନା ଥିବାରୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ସଚିବାଳୟ ଠାରେ ବାତ୍ୟା ତିତଲିର ପରବର୍ତୀ ପରିସ୍ଥିତିର ମୁକାବିଲା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକ ପରେ ଏଥିରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କହିଥିଲେ ଯେ ତିତଲି ବାତ୍ୟାରେ ଜିରୋ କାଜୁଆଲଟି ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଗତକାଲି ଅନୁଷ୍ଠିତ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଜିଲ୍ଲାପ୍ରଶାସନ ଗମ୍ଭୀରତାର ସହ ନେଇଥିଲେ। କୌଣସି ସ୍ଥାନରେ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ। ୩ ଲକ୍ଷ ଲୋକଙ୍କୁ ୧୧୧୨ଟି ଆଶ୍ରୟସ୍ଥଳୀକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଛି।

ଶ୍ରୀ ପାଢୀ କହିଥିଲେ ଯେ ବର୍ତମାନ ରାଜ୍ୟରେ ବାତ୍ୟାର ସମ୍ଭାବନାହ ନାହିଁ ୪୮ ଘଂଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିପାରେ। ଗଜପତି (ପୃଷ୍ଠା-୭)

## ୬ ଭାସିଗଲେ

ଗଞ୍ଜାମ, ୧୧।୧୦ (ସକାଳ ଖବର): ଘୂର୍ଣ୍ଣିଝଡ଼ ତିତଲି ପ୍ରଭାବରେ ଲାଗି ରହିଥିବା ବର୍ଷା ପବନ ଫଳରେ ଗଞ୍ଜାମ ଜିଲ୍ଲା ଦେଇ ପ୍ରବାହିତ ବିଭିନ୍ନ ନଦୀର ଜଳ ପତନ ବୃଦ୍ଧି ପାଇଛି । ଅଡ଼ାଙ୍ଗି ନଦୀର ଭୀଷଣ ବନ୍ୟାଜଳ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କ ସମେତ ୬ ଜଣଙ୍କୁ ଭସାଇ ନେଇଛି । ସୋରଡ଼ା ବ୍ଲକ ଗାଜଲବାଡି ପଂଚାୟତ ଅନ୍ତର୍ଗତ ଭୂତପଙ୍କାଳ ଗ୍ରାମରେ ଘଟିଯାଇଛି ଏମିତି ଏକ ଅଭାବନୀୟ ଘଟଣା । ଖବର ପ୍ରଚାରିତ ହେବା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ, ଗ୍ରାମର ବିଜୟ ମଳିକଙ୍କ ଘର ନିକଟ ଦେଇ ପ୍ରବାହିତ ଅଡ଼ାଙ୍ଗି ନଦୀର ଜଳ ପତନ ବୃଦ୍ଧି ପାଇବାରୁ ବିଜୟ ନିଜ ପତ୍ନୀ, ପୁଅ ବୋହୂ ଏବଂ ଅନ୍ୟ ଦୁଇ ପଡ଼ୋଶୀଙ୍କ ସହିତ ନିଜ ଇନ୍ଦିରା ଆବାସ ଗୃହର ଛାତ ଉପରେ ଆଶ୍ରୟ ନେଇଥିଲେ । ତେବେ ଏହି ସମୟରେ ପ୍ରବଳ ବେଗରେ ବନ୍ୟାଜଳ ମାଡି ଆସିଥିଲା । ଘର ସହିତ ସମସ୍ତ ୬ ଜଣଙ୍କୁ ଭସାଇ ନେଇଥିଲା । ମଧ୍ୟାହ୍ନ ଠାରୁ ଖୋଜାଖୋଜି ଜାରୀ ରହିଛି । ପ୍ରବଳ ବର୍ଷା (ପୃଷ୍ଠା-୭)

# ନାବାଳିକା ଝିଅକୁ ହତ୍ୟା ଅଭିଯୋଗ



## ବାପା ଓ ସାବତ ମାଆ ଗିରଫ୍

ତିହିଡି, ୧୧।୧୦ (ସକାଳ ଖବର): ଭଦ୍ରକ ଜିଲ୍ଲା ତିହିଡି ଥାନା ତଥା ପୀରହାଟ ଫାଣ୍ଡି ଇଲାକା ବାରସର ପଞ୍ଚାୟତ ଭଉଁରୀଆବାଙ୍କ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ଜଣେ ନାବାଳିକା ଝିଅ ପାର୍ବତୀ ବାରିକ(୧୭)କୁ ତାର ବାପା ବାବାଜୀ ବାରିକ ଓ ସାବତ ମାଆ ବାସନ୍ତୀ ବାରିକ ମିଶି ତଣ୍ଟିରେ ଚଢି ମାରି ଦେଇଥିବା ଅଭିଯୋଗ ମୂଳେ ଥାନାରେ ଏକ ମାମଲା ୩୫୧/୧୮, ଦଫା ୩୦୨ ରୁଜୁ କରାଯାଇଛି। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ୍ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଥାଉକି, ବୁଧବାର ସଂଧ୍ୟାରେ ବାବାଜୀ ବାରିକ ତାଙ୍କ ଝିଅକୁ ଗାଈକୁ ତୋରାଣୀ ଦେବାକୁ କହିଥିଲେ। ପାର୍ବତୀ ତାହା କରିନଥିବାରୁ ବାବାଜୀ ବାରିକ ଓ ସାବତ ମାଆ ବାସନ୍ତୀ ବାରିକ ମିଶି ତା ତଣ୍ଟିରେ ଚଢି ମାରି ଦେବାକୁ ଉଦ୍ୟମ କରିଥିଲେ। ସେ ଚିତ୍କାର କରିବାରୁ ପଡୋଶୀ ଦୌଡି ଆସି ତାକୁ ଉଦ୍ଧାର କରିବା ସହ ତିହିଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତୀ କରିଥିଲେ। ସେଠାରେ (ପୃଷ୍ଠା-୭)

## ବଂଶଧାରା ଓ ଜଳକା ବିପଦ ସଂକେତ ଉପରେ ପ୍ରବାହିତ

ଭୁବନେଶ୍ୱର, ୧୧ ଅକ୍ଟୋବର(ହି.ସ.)- ପ୍ରବଳ ବର୍ଷା ଯୋଗୁଁ ବସ୍ତା ଅଂଚଳରେ ଜଳକା ନଦୀର ଜଳସ୍ତର ମଥାନୀ ଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଏହାର ବିପଦ ସଂକେତ ୫.୫ ମିଟର ରହିଥିଲା ବେଳେ ଏହାର ଜଳସ୍ତର ୫.୭୨ମିଟରରେ ପ୍ରବାହିତ ହେଉଛି । ମୋହନାରେ ରାମନଦୀ ପୋଲ ଉପରେ ୧୨ ଫୁଟର ପାଣି ପ୍ରବାହିତ ହେଉଥିଲା ବେଳେ ଗୁଣୁପୁରଠାରେ ବଂଶଧାରା ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ଜଣାପଡ଼ିଛି ।

# କ୍ଷମା ମାଗିଲେ ଅଭିଜିତ୍

## ୨୩ରେ ପୁଣି ଥରେ ହାଜର ହେବାକୁ ନୋଟିସ୍



ଭୁବନେଶ୍ୱର, ୧୧।୧୦ (ସକାଳ ଖବର): ଓଡିଶା ବିଧାନସଭାର ବିଧାୟକ ମାନଙ୍କ ପ୍ରତି ଦେଇଥିବା ଆକ୍ଷେପମୂଳକ ମନ୍ତବ୍ୟ ସେମାନଙ୍କ ସ୍ୱାଧୀକାର ଏବଂ ଗୃହର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥିବାରୁ ଅଭିଜିତ୍ ଆୟାର ମିତ୍ରଙ୍କ ବିରୁଦ୍ଧରେ ଅଣାଯାଇଥିବା ସ୍ୱାଧୀକାର ଭଙ୍ଗ ପ୍ରସ୍ତାବର ବିଚାର ପାଇଁ ଗୃହ କମିଟି ଗୁରୁବାର ଅଭିଜିତ୍‌ଙ୍କୁ ହାଜର ହେବା ପାଇଁ ସମନ ଜାରୀ କରାଯାଇଥିଲା। ମାତ୍ର ସେ ହାଜର ହୋଇନାହାନ୍ତି। ଅପରପକ୍ଷରେ ଅଭିଜିତ୍ ତାଙ୍କ ମନ୍ତବ୍ୟ ଅକ୍ଷମଣୀୟ ଅପରାଧ ବୋଲି କହିବାସହ ଏଥିପାଇଁ କ୍ଷମାପ୍ରାର୍ଥନା କରିଛନ୍ତି। ଏଥିଲାଗି ସେ ବିଧାନସଭା ବାଚସ୍ପତିଙ୍କ ନିକଟକୁ ଏ ପତ୍ର ପଠାଇଛନ୍ତି। ଏହି ପତ୍ରକୁ ବିଧାନସଭା ସଚିବଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ପତ୍ରରେ ଅଭିଜିତ୍ ଉଲ୍ଲେଖ କରିଛନ୍ତି ଯେ ମୁଁ ଅକ୍ଷମଣୀୟ ଅପରାଧ କରିଛି। ତାଙ୍କୁ ଏଥିପାଇଁ କ୍ଷମା ଦିଆଯିବାକୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଗୃହ କମିଟିର ଅଧ୍ୟକ୍ଷ ନରସିଂହ ମିଶ୍ର ଏସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଆୟାର ପଠାଇଥିବା ପତ୍ର ବିଧାନସଭା ସଚିବଙ୍କ ହସ୍ତଗତ ହୋଇଛି। ଓଡିଶାରେ ବାତ୍ୟା ପାଇଁ ଟ୍ରେନ୍ ଓ ବିମାନ ବାତିଲ ହୋଇଥିବାରୁ ସେ ଆସିପାରି ନଥିବାର ଅନୁମାନ କରାଯାଇଛି । ମେଲ୍ ମାଧ୍ୟମରେ ଅଭିଜିତ୍ ଉପସ୍ଥିତ ହେବେ ବୋଲି ଜଣାଇଥିଲେ ହେଁ ସେ ଆସିନଥିଲେ । ତେବେ ଗୃହ କମିଟିରେ ଧାର୍ଯ୍ୟ ଦିନରେ ହାଜର ହୋଇପାରିବେନି ବୋଲି ଗୁରୁବାର ଆଉ ଏକ ଚିଠି ଲେଖିଛନ୍ତି। ତାଙ୍କ ଆବେଦନକୁ (ପୃଷ୍ଠା-୭)




ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ


# ଦୋଷୀ ସାବ୍ୟସ୍ତ ହେଲେ ରାମପାଲ

## ଅଦାଲତ ଠୁ ୪ କିଲୋମିଟର ଦୂର ଯାଏଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି



ନୂଆଦିଲ୍ଲୀ, ୧୧।୧୦ : ଦୋଷୀ ସାବ୍ୟସ୍ତ ହେଲେ ବାବା ରାମପାଲ । ହତ୍ୟା ମାମଲାରେ ହିସାର କୋର୍ଟ ରାମପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅକ୍ଟୋବର ୧୬ ତାରିଖରେ ତାଙ୍କ ପାଇଁ ଦଣ୍ଡାଦେଶ ଘୋଷଣା ହେବ ବୋଲି ଜଣାପଡିଛି । ଭିଡିଓ କନଫରେନ୍ସିଂ ମାଧମରେ ଏହି ଶୁଣାଣି ହୋଇଛି । ହିସାର କୋର୍ଟଙ୍କ ମୁଖ୍ୟ ବିଚାରପତି ଡି.ଆର ଚାଲିୟା ରାମପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତେବେ ଶୁଣାଣିକୁ ନଜରରେ ରଖି ପୁଲିସ ୪୮ ଘଣ୍ଟା ପୂର୍ବରୁ ହରିୟାଣା ହିସାରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି । ଯେମିତି କୌଣସି ଅଘଟଣ ନଘଟେ ତାକୁ ନଜରରେ ରଖି ହିସାର ଅଂଚଳକୁ ସିଲ କରିଦିଆଯାଇଛି । ଏହା ସହ ୧୪୪ ଧାରା ଜାରି କରାଯାଇଛି । ଅଦାଲତ ବାହାରେ ତଥା ଅଦାଲତଠୁ ୪ କିଲୋମିଟର ଦୂର ଯାଏଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ବାବା ରାମପାଲଙ୍କ ସମର୍ଥକ ଯେମିତି କୌଣସି ଅଘଟଣ ନଘଟାନ୍ତି ସେଥିପ୍ରତି ପୁଲିସ ସଜାଗ ହୋଇଛି । ଗୁରମିତ ରାମ ରହିମ ମାମଲାର ଶୁଣାଣି ବେବେ ପଞ୍ଚକୁଲାରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଥିଲା । (ପୃଷ୍ଠା-୭)

# ଭାରତକୁ ଆମେରିକାର ପରୋକ୍ଷ ଚେତାବନୀ



ୱାଶିଂଟନ,୧୧।୧୦: ଇରାନ ବିରୋଧରେ ନଭେମ୍ବର ୪ରୁ ଆରମ୍ଭ ହେଉଛି ଆମେରିକାର ନୂତନ ପ୍ରତିବନ୍ଧକ । ମାତ୍ର ଏହି ପ୍ରତିବନ୍ଧକକୁ ମାନୁନଥିବା ଦେଶକୁ ଆମେରିକା ଗୁରୁବାର ଚେତାବନୀ ଦେଇଛି । ଆମେରିକା ରାଷ୍ଟ୍ରପତି ତୈଳ ଆମଦାନୀ କରୁଥିବା ଦେଶଗୁଡିକୁ ସ୍ପଷ୍ଟ ଶବ୍ଦରେ ଚେତାବନୀ ଦେଇ କହିଛନ୍ତି ଯେ ଯଦି ପ୍ରତିବନ୍ଧ ଲାଗୁ ହେବା ଦିନ ପର୍ଯ୍ୟନ୍ତ କୌଣସି ଦେଶ ଇରାନଠୁ ତୈଳ ଆମଦାନୀ ସଂପୂର୍ଣ୍ଣ ବନ୍ଦ ନକରନ୍ତି ତେବେ ସେହି ଦେଶ ଗୁଡ଼ିକୁ ୱାଶିଂଟନ ଦେଖି ନେବ । ଅନ୍ୟପଟେ ଏହାର ଦୁଇ ଦିନ ପୂର୍ବରୁ ଭାରତ ଘୋଷଣା କରିଥିଲା ଯେ ଦେଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନଭେମ୍ବରରେ ଇରାନଠୁ ତୈଳ ଆମଦାନୀ ପାଇଁ ଅର୍ଡର ଦିଆସରିଛି? ଉଲ୍ଲେଖନୀୟ ଚଳିତ ବର୍ଷ ମେ ମାସରେ ଆମେରିକା ଇରାନ ସହ ହୋଇଥିବା ପରମାଣୁ ରାଜିନାମାରୁ ଓହରି ଯାଇଥିଲା । ଦୁଇ ଦେଶ ମଧ୍ୟରେ ୨୦୧୫ରେ ପରମାଣୁ ରାଜିନାମା ହୋଇଥିଲା । ଏବେ ଟ୍ରମ୍ପ ଇରାନଠୁ ତୈଳ ଆମଦାନୀ କରୁଥିବା ଦେଶଗୁଡିକୁ ଦେଖି ନେବି ବୋଲି କହିଛନ୍ତି । ଟ୍ରମ୍ପ ଇରାନ ସହ ରାଜିନାମା ସମାପ୍ତ ହେବାର ଘୋଷଣା କରି ସେହି ସମୟରେ କହିଥିଲେ ଯେ ଏହି ରାଜିନାମା ନିଜର ମୂଳ ଉଦ୍ଦେଶ୍ୟ ଇରାନକୁ ପରମାଣୁ ହାସଲ ଦିଗରେ ରୋକିବାରେ ସଫଳ ହୋଇନଥିଲାଛ ଏହି ରାଜିନାମା ଇରାନକୁ ବାଲାଷ୍ଟିକ ମିସାଇଲ ନିର୍ମାଣରେ ମଧ୍ୟ ରୋକି ପାରିନଥିଲା । ନୂତନ ରାଜିନାମା ମାନିବାକୁ ବାଧ୍ୟ କରିବା ପାଇଁ ଆମେରିକା ଇରାନ ଉପରେ ଅନେକ ପ୍ରତିବନ୍ଧକ ଲାଗୁ କରିଥିଲା । ଏହି ପ୍ରତିବନ୍ଧକ କାରଣରୁ ଇରାନର କାରବାର ଓ ତୈଳ ସେକ୍ଟର ଉପରେ ପ୍ରଭାବ ପଡ଼ିଥିଲା । ମାତ୍ର ନଭେମ୍ବର ୪ରୁ ଇରାନ ଉପରେ ଆମେରିକାର ଦ୍ୱିତୀୟ କଠୋର ପ୍ରତିବନ୍ଧ ଲାଗୁ ହେବାକୁ ଯାଉଛି । ଏଥିରେ (ପୃଷ୍ଠା-୭)



ହୁଣ୍ଡିର ଆୟ (୭.୧୦.୧୮)
୩,୧୨,୧୮୦

# ଆତଙ୍କୀ କାର୍ଯ୍ୟରେ ଜାମ୍ମୁ-କାଶ୍ମୀର ଛାତ୍ରଙ୍କୁ ସାମିଲ କରାଯାଉଛି



ନୂଆଦିଲ୍ଲୀ, ୧୧।୧୦: ଜାମ୍ମୁ ଓ କାଶ୍ମୀରରେ ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ପାଇଁ ଏବେ ଅନ୍ୟ ରାଜ୍ୟରେ ପଢୁଥିବା କାଶ୍ମୀର ଛାତ୍ରଙ୍କୁ ଟାର୍ଗେଟ୍ କରାଯାଉଛି । ସୂତ୍ର ମୁତାବକ ଜେଲରୁ ବାହାର କରାଯାଇ ଆତଙ୍କବାଦ ଘଟଣା ଘଟାଇବାକୁ ଉଦ୍ୟମ ଅପରେସନ ଜେଲ' ଫେଲ ମାରିବା ପରେ ଏବେ ଛାତ୍ରଙ୍କୁ ଟାର୍ଗେଟ୍ କରାଯାଉଛି । ଏବେ ଅପରେସନ ଷ୍ଟୁଡେଣ୍ଟ' ଜରିଆରେ ଆତଙ୍କୀ ନିଜର ଯୋଜନାକୁ ସଫଳ କରିବା ପାଇଁ ଉଦ୍ୟମ କରୁଛନ୍ତି । ସୁରକ୍ଷା ଏଜେନ୍ସିର ସୂତ୍ର ମୁତାବକ ସୀମାରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉପରେ ସେନାର କଠୋର କାର୍ଯ୍ୟାନୁଷ୍ଠାନ ପରେ ଏବେ ଦେଶର ଅନ୍ୟ ରାଜ୍ୟରେ ପଢୁଥିବା କାଶ୍ମୀର ଛାତ୍ରଙ୍କ ଉପରେ ନଜର ପକାଇଛନ୍ତି ଆତଙ୍କବାଦୀ । ଏହି ଛାତ୍ରଙ୍କ ଜରିଆରେ ଆତଙ୍କବାଦ ଘଟଣା ଘଟାଇବା ପାଇଁ ଆତଙ୍କବାଦୀ ସଂଗଠନ ନୂତନ ଯୋଜନାରେ ଉପରେ କାର୍ଯ୍ୟ ଜାରି ରଖିଛନ୍ତି । ଏହି କ୍ରମରେ ବୁଧବାର ପଞ୍ଜାବ ପୋଲିସ ଓ ଜାମ୍ମୁ କାଶ୍ମୀର ପୋଲିସ ଜଳନ୍ଧରରୁ ତିନି ଜଣ ଛାତ୍ରଙ୍କୁ ଗିରଫ କରିଛି । ଅଭିଯୋଗ ହୋଇଛି ଯେ ଏହି ତିନି ଜଣ ଛାତ୍ରଙ୍କ ଲିଙ୍କ ଜାକିର ମୂଷାର ଆତଙ୍କୀ ସଂଗଠନ ଅନସାର ଗଜୱାନ ଉଲ ହିନ୍ଦ ସହ ଜଡ଼ିତ ଅଛି । କେବଳ ଏତିକି ନୁହେଁ ଇନଷ୍ଟିଚ୍ୟୁଟର ହୋଷ୍ଟେଲର ଏକ କୋଠରୀରୁ ଏକ ଅସାଲ୍ଟ ରାଇଫଲ ସମେତ ଦୁଇଟି ଅସ୍ତ୍ର ଶସ୍ତ୍ର ଓ ବିସ୍ଫୋରକ ମଧ୍ୟ ଜବତ କରାଯାଇଛି । ସୂତ୍ର ମୁତାବକ ସୀମାରେ ଆତଙ୍କବାଦ ଘଟଣା ପ୍ରସାର କରିବା (ପୃଷ୍ଠା-୭)

# DÝæB{œÿàÿæ d¨¨Àÿ, µÿæèÿàÿæ ¯ÿÉæÁÿ ¯ÿä

ø Àÿ¿æßSÝæ H Lÿ¤ÿþæÀÿ{Àÿ _ÿ¿æ¨Lÿ äßäÿ†ÿ

ø ¯ÿÜÿ¨Àÿ-Àÿ¿æßSÝæ {¾æSæ{¾æS ¯ÿÿbÿŸ

## †ÿ†ÿÿàÿ ¨µÿæ¯ÿ{Àÿ Sqæþ H Sf¨†ÿ{Àÿ ¯ÿ¿æ¨Lÿ äßäÿ†ÿ ¯ÿÜÿ¨Àÿ-Àÿ¿æßSÝæ {¾æSæ{¾æS ¯ÿbÿŸ AvÿÀÿœÿÁÿæ {¨æàÿ D¨{Àÿ 5 üÿs Daÿ{Àÿ ¯ÿÌæ fÁÿ ¨¯ÿæÜÿ†ÿ

## ¯ÿµÿÿŸ fàÿæ{Àÿ ¨¯ÿÁÿ ¯ÿÌæ Ó»æ¯ÿœÿæ

## ¨Àÿê{Àÿ DvÿàÿæDaÿ fAæÀÿ

## Óþ{¯ÿ'ÿœÿæ f~æB{àÿ Àÿæ Î ¨†ÿ

## †ÿ†ÿÿàÿÀÿ äßäÿ†ÿ {œÿB {Lÿ¢ÿ SÜÿ þ¦ê Àÿæfœÿæ$Zÿ {µÿs{àÿ ™{þ¢ÿ

## 11 {sœÿ ¯ÿæ†ÿàÿ, 5sÀÿ Óþß{Àÿ ¨Àÿ ¯ÿ†ÿœÿ

## ¨Êÿþ ¯ÿèÿ þÜÿæBàÿæ

## `ÿæÌê äÿSÖ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**

Óó¨æ'ÿÿLÿ : Aþ†ÿÿ LÿþæÀÿ þàÿLÿ